# NATIONAL NEWS BULLETIN (ODIA)
## 15 April - 2025
## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଭାରତୀୟ ସମ୍ବିଧାନ ସମୟର ପରୀକ୍ଷାରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ସହିତ ଦେଶକୁ ଶକ୍ତିଶାଳୀ ଏବଂ ଏକଜୁଟ୍ କରିପାରିଛି, କହିଲେ ଜଷ୍ଟିସ୍ ବି.ଆର୍. ଗଭାଇ ।
- ମୁର୍ସିଦାବାଦ ଜିଲ୍ଲାରେ ଘଟିଥିବା ହିଂସାକାଣ୍ଡ ଘଟଣାର ତଦନ୍ତ ପାଇଁ କୋର୍ଟ୍ଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିବାକୁ ସୁପ୍ରିମ୍‌କୋର୍ଟରେ ପିଟିସନ୍ ଦାଖଲ ।
- ଲକ୍ଷ୍ନୌର ଲୋକବନ୍ଧୁ ହସ୍ପିଟାଲ୍‌ରେ ଗତକାଲି ଘଟିଥିବା ଅଗ୍ନିକାଣ୍ଡରେ ଚିକିତ୍ସାଧୀନ ରୋଗୀ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ ।
- ତେହେରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ଓ ଇରାନ୍ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ସମ୍ପର୍କରେ ସୂଚନା ଦେଲେ ଇଟାଲୀର ବୈଦେଶିକ ମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ୫ ୱିକେଟ୍‌ରେ ବିଜୟୀ ।

## ଜଷ୍ଟିସ୍ ଗଭାଇ-କନ୍ଷ୍ଟିଚ୍ୟୁସନ୍

ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ବି.ଆର୍. ଗଭାଇ କହିଛନ୍ତି, ସମୟର ପରୀକ୍ଷାରେ ଭାରତୀୟ ସମ୍ବିଧାନ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ସହିତ ଦେଶକୁ ଶକ୍ତିଶାଳୀ, ସ୍ଥିର ଏବଂ ଏକଜୁଟ୍ କରିପାରିଛି । ନୂଆଦିଲ୍ଲୀରେ ଗତକାଲି ଡକ୍ଟର ଆମ୍ବେଦକର ଆନ୍ତର୍ଜାତିକ କେନ୍ଦ୍ର ଠାରେ ଆୟୋଜିତ ପ୍ରଥମ ଡକ୍ଟର ଆମ୍ବେଦକର ସ୍ମାରକୀ ବକ୍ତୃତାମାଳାରେ ଯୋଗଦେଇ ଜଷ୍ଟିସ୍ ଗଭାଇ ଏହା କହିଛନ୍ତି । ସେ କହିଛନ୍ତି, ବିଗତବର୍ଷ ଗୁଡ଼ିକରେ ଦେଶ ବିଭିନ୍ନ ବାହ୍ୟ ଆକ୍ରମଣ ଏବଂ ଆଭ୍ୟନ୍ତରୀଣ ବିଶୃଙ୍ଖଳାର ସମ୍ମୁଖୀନ ହୋଇଥିଲା । ତଥାପି ଦେଶବାସୀ ଏକଜୁଟ୍ ହୋଇ ରହିଥିଲେ ଏବଂ ଏହା ସ୍ଥିର ଓ ଶକ୍ତିଶାଳୀ ଥିଲା । ସାମାଜିକ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମ୍ବିଧାନକୁ ବିଭିନ୍ନ ସମୟରେ ସଂଶୋଧନ କରାଯାଇଛି ବୋଲି ସେ କହିଛନ୍ତି ।

## ପଶ୍ଚିମବଙ୍ଗ-ଓ୍ୱାକଫ୍

ପଶ୍ଚିମବଙ୍ଗର ମୁର୍ସିଦାବାଦ୍ ଜିଲ୍ଲାରେ ଘଟିଥିବା ହିଂସାକାଣ୍ଡ ଘଟଣାର ତଦନ୍ତ ପାଇଁ କୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିବାକୁ ସୁପ୍ରିମ୍‌କୋର୍ଟରେ ଏକ ପିଟିସନ୍ ଦାଖଲ ହୋଇଛି । ଆବେଦନକାରୀ ଓ୍ୱାକଫ୍ ସଂଶୋଧନ ଆଇନ୍‌କୁ ବିରୋଧ କରି ଚାଲିଥିବା

ଆନ୍ଦୋଳନ କାହିଁକି ଆଇନ୍‌ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କଲା ଏହାର ତଦନ୍ତ ପାଇଁ ପ୍ରାର୍ଥନା କରିଛନ୍ତି ।

ଅନ୍ୟ ପକ୍ଷରେ ସୀମା ସୁରକ୍ଷାବଳ ବି.ଏସ୍.ଏଫ୍.ର ପୂର୍ବ କମାଣ୍ଡ ଅତିରିକ୍ତ ମହାନିର୍ଦ୍ଦେଶକ ରବି ଗାନ୍ଧି ଗତକାଲି ମୁର୍ସିଦାବାଦ୍‌ର ସମ୍‌ସେର୍‌ଗଞ୍ଜ ଅଞ୍ଚଳ ଗସ୍ତ କରିଥିଲେ । ସେ ପଶ୍ଚିମବଙ୍ଗ ପୁଲିସ୍ ମହାନିର୍ଦ୍ଦେଶକ ରାଜୀବ କୁମାର ଏବଂ ଅନ୍ୟ ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ସହ ପରିସ୍ଥିତିର ସମୀକ୍ଷା କରିଛନ୍ତି । ମୁର୍ସିଦାବାଦ୍‌ର ହିଂସା ପ୍ରଭାବିତ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ବି.ଏସ୍.ଏଫ୍. ଏବଂ ପୁଲିସ୍ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ପଶ୍ଚିମବଙ୍ଗ ପୁଲିସ୍ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି ।

ହିଂସା ପ୍ରଭାବିତ ଅଞ୍ଚଳରେ ବହୁ ଲୋକ ମାଲଦା ଜିଲ୍ଲାର ବୈଷ୍ଣବ ନଗର ରିଲିଫ୍ କ୍ୟାମ୍ପ୍‌ରେ ଅବସ୍ଥାନ କରୁଛନ୍ତି । କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ତଥା ବିଜେପି ରାଜ୍ୟ ସଭାପତି ଡକ୍ଟର ସୁକାନ୍ତ ମଜୁମ୍‌ଦାର ରିଲିଫ୍ କ୍ୟାମ୍ପ୍‌ରେ ଲୋକଙ୍କୁ ଭେଟି ପରିସ୍ଥିତିର ସମୀକ୍ଷା କରିଛନ୍ତି । ମୁର୍ସିଦାବାଦ୍‌ର ସାମ୍ପ୍ରତିକ ସ୍ଥିତି ପାଇଁ ସେ ରାଜ୍ୟ ସରକାରଙ୍କୁ ଦାୟି କରିଛନ୍ତି । ସେ କହିଛନ୍ତି, ହିଂସା ପ୍ରଭାବିତ ଅଞ୍ଚଳରେ ବି.ଏସ୍.ଏଫ୍. ମୁତୟନ ଅବଧି ବୃଦ୍ଧି କରିବାକୁ ବିଜେପି କୋଲକାତା ହାଇକୋର୍ଟରେ ଆବେଦନ କରିବ । ଗତ ସପ୍ତାହରେ ମୁର୍ସିଦାବାଦ୍ ଜିଲ୍ଲାର ସମ୍‌ସେର୍‌ଗଞ୍ଜ, ସୁତି, ଜଙ୍ଗିପୁର ଆଦି ଅଞ୍ଚଳରେ ୱାକଫ୍ ସଂଶୋଧନ ଆଇନ୍‌କୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ

କରାଯାଇଥିଲା । ପରେ ଏହା ହିଂସାତ୍ମକ କାର୍ଯ୍ୟକଳାପରେ ପରିବର୍ତ୍ତିତ ହୋଇଥିଲା । ଏହି ଘଟଣାରେ ପୁଲିସ୍ ଏ ପର୍ଯ୍ୟନ୍ତ ୨୦୦ ଜଣଙ୍କୁ ଗିରଫ୍ କରିଛି । ପଶ୍ଚିମବଙ୍ଗର ଦକ୍ଷିଣ ଚବିଶ ପ୍ରଗଣା ଜିଲ୍ଲାର ଭାଙ୍ଗେର ଠାରେ ମଧ୍ୟ ଗତକାଲି ଏହି ଆଇନ୍‌କୁ ବିରୋଧ କରାଯାଇଛି । ପୁଲିସ୍ କର୍ମଚାରୀଙ୍କ ଉପରେ ଆକ୍ରମଣ କରାଯିବା ସହ ବହୁ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି ।

ମୁର୍ସିଦାବାଦ୍ ଘଟଣାରେ ହସ୍ତକ୍ଷେପ କରିବାକୁ ବିଜେପି ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କୁ ଅନୁରୋଧ କରିଛନ୍ତି । ଦଳର ରାଜ୍ୟ ସଭାପତି ଶ୍ରୀ ମଜୁମଦାର୍ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖି ଘଟଣା ସମ୍ପର୍କରେ ବିସ୍ତୃତ ବିବରଣୀ ଉଲ୍ଲେଖ କରିବା ସହ ତୁରନ୍ତ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।

## ଲୋକବନ୍ଧୁ ହସ୍ପିଟାଲ୍ ଫାୟାର୍

ଲକ୍ଷ୍ନୌର ଲୋକବନ୍ଧୁ ହସ୍ପିଟାଲ୍‌ର ଦ୍ୱିତୀୟ ମହଲାରେ ଗତକାଲି ଅଗ୍ନିକାଣ୍ଡ ଘଟିଥିଲା । ଗୁରୁତର ରୋଗୀଙ୍କ ସମେତ ୨୦୦ରୁ ଅଧିକ ଚିକିତ୍ସାଧୀନ ରୋଗୀଙ୍କୁ ସୁରକ୍ଷିତ ଭାବେ ଡାକ୍ତରଖାନାରୁ ସ୍ଥାନାନ୍ତର କରାଯାଇଛି ।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାକୁ ଗୁରୁତ ଦେଇ ପ୍ରଭାବିତ ରୋଗୀଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇଦେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଗତକାଲି ବିଳମ୍ବିତ

ରାତିରେ ଘଟଣା ସ୍ଥଳରେ ପହଞ୍ଚି ହସ୍ପିଟାଲ୍ କର୍ମଚାରୀ ଓ ଜରୁରୀକାଳୀନ ସେବାକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଦ୍ୱିତୀୟ ମହଲାରେ ଅଗ୍ନିକାଣ୍ଡ ଘଟିଥିଲା । ତେବେ ତୁରନ୍ତ ପଦକ୍ଷେପ ଯୋଗୁଁ ଏତେ ପରିମାଣର ରୋଗୀଙ୍କୁ ସୁରକ୍ଷିତ ବାହାରକୁ ଅଣାଯାଇ ପାରିଛି । ଉତ୍ତର ପ୍ରଦେଶ ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ପାର୍ଥ ସାରଥି ସେନ୍ ଶର୍ମା କହିଛନ୍ତି, ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି । ସୁରକ୍ଷିତ ଭାବେ ସମସ୍ତ ରୋଗୀଙ୍କୁ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକ୍ଷକ ଡାକ୍ତର ଅଜୟ ସଂକର ତ୍ରିପାଠୀ କହିଛନ୍ତି, ପ୍ରାଥମିକ ଆକଳନ ଅନୁଯାୟୀ ସଟ୍ ସର୍କିଟ୍ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥାଇ ପାରେ । ତେବେ ଏହାର ବିସ୍ତୃତ ତଦନ୍ତ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି ।

## ୟୁଏସ୍-ଇରାନ୍ ଟକ୍ସ

ତେହେରାନ୍‌ର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ଓ ଇରାନ୍ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଆସନ୍ତା ଶନିବାର ଦିନ ରୋମ୍ ଠାରେ ଅନୁଷ୍ଠିତ ହେବାର ଆଶା କରାଯାଉଛି । ଇଟାଲୀର ବୈଦେଶିକ ମନ୍ତ୍ରୀ ଆଣ୍ଟୋନିଓ ତାଜାନି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆଲୋଚନାକାରୀ ପକ୍ଷ ଏବଂ ମଧ୍ୟସ୍ଥୀ ଭାବରେ କାର୍ଯ୍ୟ କରୁଥିବା ଓମାନ୍‌ର ଅନୁରୋଧ ପରେ ରୋମ୍ ଏହି ବୈଠକ ଆୟୋଜନ କରିବାକୁ ସମ୍ମତି

ପ୍ରଦାନ କରିଛି । ଜାପାନ ଗସ୍ତ ଅବସରରେ ତାଜାନି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ପରମାଣୁ ସମସ୍ୟାର ସମାଧାନ ଏବଂ ଶାନ୍ତିକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ନିଆଯିବାକୁ ଥିବା ପଦକ୍ଷେପକୁ ଇଟାଲୀ ସରକାର ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛନ୍ତି ।

ତେବେ ଇରାନ୍ କିମ୍ବା ଆମେରିକା ପକ୍ଷରୁ ଏ ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ । ଗତ ୧୨ ତାରିଖରେ ଓମାନରେ ଆମେରିକା ଓ ଇରାନ ଅଧିକାରୀଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପରୋକ୍ଷ ଆଲୋଚନା ହୋଇଥିଲା । ଉଭୟ ପକ୍ଷଙ୍କ ମଧ୍ୟରେ ସକାରାତ୍ମକ ଏବଂ ଗଠନ ମୂଳକ ଆଲୋଚନା ହୋଇଥିବା ନେଇ ସୂଚନା ପ୍ରଦାନ କରାଯାଇଥିଲା ।

ଅନ୍ୟ ପକ୍ଷରେ ଆମେରିକା ସହ ପରମାଣୁ ଆଲୋଚନା କରିବା ପୂର୍ବରୁ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ୍ ଅରାଘଚି ଚଳିତ ସପ୍ତାହରେ ରୁଷ ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି । ଇରାନ୍‌ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଶ୍ରୀ ଅରାଘଚି ମସ୍କୋ ଠାରେ ତାଙ୍କ ରୁଷୀୟ ପ୍ରତିପକ୍ଷ ସର୍ଗେଇ ଲାଭାରୋଭଙ୍କ ସହ ଏ ନେଇ ଆଲୋଚନା କରିବେ ।

# ଏନ୍‌ଏଚ୍‌ଇଏ ୨୦୨୩

ଜାତୀୟ ରାଜପଥ ଉତ୍କର୍ଷ ପୁରସ୍କାର ୨୦୨୩ର ଷଷ୍ଠ ସଂସ୍କରଣ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହେବ । ଅଭିନବ ପ୍ରୟାସକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଜାତୀୟ ରାଜପଥ ବିକାଶରେ ଉତ୍କର୍ଷ ପ୍ରତିପାଦନ କରିଥିବା ଅଂଶିଦାରଙ୍କୁ ଏଥିରେ ସମ୍ମାନିତ କରାଯାଇଥାଏ । ଜାତୀୟ ରାଜପଥ ଭିତ୍ତିଭୂମି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାକୁ ମାନ୍ୟତା ପ୍ରଦାନ କରିବା ଏବଂ ସମଗ୍ର ଦେଶରେ ଉଚ୍ଚ ରାଜପଥ ସମ୍ପତ୍ତିର ନିର୍ମାଣ ଏବଂ ରକ୍ଷଣାବେକ୍ଷଣରେ ସଂଶ୍ଲିଷ୍ଟ ଥିବା ବ୍ୟକ୍ତିବିଶେଷ ଓ ଅଂଶିଦାରମାନଙ୍କୁ ଏଥିପାଇଁ ମନୋନୀତ କରାଯାଇଥାଏ । ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରସଙ୍ଗ ଭିତ୍ତିକ ବିଶେଷଜ୍ଞଙ୍କୁ ନେଇ ଏକାଧିକ ଆଲୋଚନା ବୈଠକ ଅନୁଷ୍ଠିତ ହେବ । ରାଜପଥ ନିର୍ମାଣରେ ଆଧୁନିକ ଜ୍ଞାନକୌଶଳର ଉପଯୋଗ, ପାହାଡ଼ିଆ ଅଞ୍ଚଳରେ ଭିତ୍ତିଭୂମିର ବିକାଶ ଏବଂ ଭାରତୀୟ ନିର୍ମାଣ ଉଦ୍ୟୋଗ ଗୁଡ଼ିକୁ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ କରିବା ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ଏହି ଆଲୋଚନା ବୈଠକ ଗୁଡ଼ିକରେ ମତବିନିମୟ ହେବ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ସିରିଜ୍‌ର ଗତକାଲିର ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ ବିଜୟୀ ହୋଇଛି । ଏ ପର୍ଯ୍ୟନ୍ତ ଖେଳିଥିବା ୭ଟି ମ୍ୟାଚ୍

ମଧ୍ୟରୁ ଚେନ୍ନାଇ କ୍ରମାଗତ ୫ଟି ମ୍ୟାଚ୍‌ରେ ହାରିବା ପରେ ଗତକାଲି ବିଜୟ ହାସଲ କରିଛି । ଲକ୍ଷ୍ନୌର ଏକନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚେନ୍ନାଇ ୫ ୱିକେଟ୍‌ରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌କୁ ହରାଇ ଦେଇଛି । ଟସ୍ ଜିତି ଚେନ୍ନାଇ ଲକ୍ଷ୍ନୌକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଲକ୍ଷ୍ନୌ ୭ ୱିକେଟ୍ ବିନିମୟରେ ୧୬୬ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରିଷଭ ପନ୍ଥ ସର୍ବାଧିକ ୬୩ରନ୍ ସଂଗ୍ରହ କରିଥିଲେ । ୧୬୭ରନ୍‌ର ବିଜୟ ଲକ୍ଷ୍ୟକୁ ଚେନ୍ନାଇ ୧୯ ଓଭର ୩ଟି ବଲ୍‌ରେ ୫ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳ ପକ୍ଷରୁ ଶିଭମ ଦୁବେ ୪୩ରନ୍ ଏବଂ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ୧୧ଟି ବଲ୍‌ରୁ ୨୬ରନ୍ ସଂଗ୍ରହ କରିଥିଲେ । ଧୋନିଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।

ଆଜି ପଞ୍ଜାବ କିଙ୍ଗସ୍ ଏବଂ କୋଲକାତା ନାଇଟ୍‌ରାଇଡର୍ସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଚଣ୍ଡିଗଡ଼ ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।

## ହକି

ପଞ୍ଚଦଶ ହକି ଇଣ୍ଡିଆ ପୁରୁଷ ସିନିୟର୍ ଜାତୀୟ ଚାମ୍ପିୟନ୍‌ସିପ୍ ୨୦୨୫ ପ୍ରତିଯୋଗିତାର ଟାଇଟଲ ହାସଲ ପାଇଁ ଆଜି ମଧ୍ୟପ୍ରଦେଶ ଓ

ପଞ୍ଜାବ ମଧ୍ୟରେ ମୁକାବିଲା ହେବ । ଉତ୍ତର ପ୍ରଦେଶର ଝାନ୍‌ସୀ ଠାରେ ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଖେଳାଯିବ । ତୃତୀୟ ଏବଂ ଚତୁର୍ଥ ସ୍ଥାନ ପାଇଁ ଉତ୍ତରପ୍ରଦେଶ ଏବଂ ମଣିପୁର ମଧ୍ୟରେ ଅପରାହ୍ଣ ୫ଟାରେ ମ୍ୟାଚ୍ ଖେଳାଯିବ । ଗତ ରବିବାର ଦିନ ଅନୁଷ୍ଠିତ ସେମିଫାଇନାଲ୍‌ରେ ମଧ୍ୟପ୍ରଦେଶ ୫-୩ ଗୋଲ୍‌ରେ ମଣିପୁରକୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି । ଦ୍ୱିତୀୟ ସେମିଫାଇନାଲ୍‌ରେ ଉତ୍ତର ପ୍ରଦେଶକୁ ୪-୩ ଗୋଲ୍‌ରେ ପଞ୍ଜାବ ପରାସ୍ତ କରିଥିଲା ।

## ଆଇଏମ୍‌ଡି

ରାଜସ୍ଥାନ ଏବଂ ଗୁଜରାଟରେ ଆସନ୍ତା ତିନି ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରକୋପ ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ପଞ୍ଜାବ, ହରିଆଣା ଏବଂ ପଶ୍ଚିମ ମଧ୍ୟପ୍ରଦେଶରେ ମଧ୍ୟ ଗ୍ରୀଷ୍ମର ପ୍ରଭାବ ଆସନ୍ତା ତିନି ଦିନ ପର୍ଯ୍ୟନ୍ତ ପରିଲକ୍ଷିତ ହେବ ବୋଲି ବିଭାଗ ପୂର୍ବାନୁମାନ କରିଛି । କେରଳ ଏବଂ ମାହେ ଠାରେ ଆଜି ପ୍ରବଳ ଗୁଳୁଗୁଳି ଅନୁଭୂତ ହେବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳରୁ ମଧ୍ୟମରୁ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଉତ୍ତର-ପୂର୍ବ ଏବଂ ପୂର୍ବ ଭାରତର ବିଭିନ୍ନ ଅଞ୍ଚଳରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ଏବଂ ବଜ୍ରପାତର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।